# ପିଲାଙ୍କ ଧରିତ୍ରୀ

ଶନିବାର, ୧୨ ନଭେମ୍ବର, ୨୦୨୨



୮ ଆଇନା

୭ କହିଲ ଦେଖି

# ଖିଲି ଖିଲି ହସ

କ୍ଲାସ୍‌ରେ ଶିକ୍ଷକ ପଢ଼ାଉଥିବା ସମୟରେ ପିଲାଙ୍କୁ ପଚାରିଲେ– ନଈ ମଝିରେ ଯଦି ଗୋଟେ ଲେମ୍ବୁଗଛ ଅଛି ସେଠାରୁ କେମିତି ଅଣାଯିବ ?
ଚିଣ୍ଟୁ ଉଠିଯାଇ କହିଲା– ସାର୍ ଚଢ଼େଇ ହୋଇ ଛିଣ୍ଡାଇବାକୁ ପଡିବ।
ଶିକ୍ଷକ– ଆରେ, ତୋତେ କିଏ ଚଢ଼େଇ କରିବ ?
ଚିଣ୍ଟୁ: ପାଣିରେ ଯିଏ ଲେମ୍ବୁଗଛ ଲଗାଇଛି ସିଏ।

ପିଣ୍ଟୁକୁ ଟ୍ରେନ୍ ପ୍ଲାଟଫର୍ମରେ ଟିଟି ମାଡ଼ିବସି କହିଲେ– ଟିକେଟ୍ ଦେଖା
**ପିଣ୍ଟୁ:** ଆରେ ମୁଁ ଟ୍ରେନ୍‌ରେ ଆସିନି
**ଟିଟି:** ପ୍ରମାଣ କ'ଣ ଆସିନୁ ?
**ପିଣ୍ଟୁ:** ସବୁଠୁ ବଡ଼ ପ୍ରମାଣ ମୋ ପାଖରେ ଟ୍ରେନ ଟିକେଟ୍ ନାହିଁ।

ଡାକ୍ତର ରୋଗୀ ମଧ୍ୟରେ କଥାବାର୍ତ୍ତା
**ଡାକ୍ତର:** ତୁମକୁ ମୁଁ ୧୦ଟାରେ ମେଡିସିନ୍ ନେବା ପାଇଁ କହିଥିଲି, ହେଲେ ତୁମେ ୫ଟାରେ ମେଡିସିନ୍ ଖାଉଛ !
**ରୋଗୀ:** ସାର୍, ମୋ ମତରେ ଯେତେବେଳେ ଶତ୍ରୁ ପ୍ରସ୍ତୁତ ନଥିବ, ସେତେବେଳେ ଆକ୍ରମଣ କରିଦେଲେ ସେ ନିଶ୍ଚିତ ହାରିବ। ଏହାଶୁଣି ଡାକ୍ତର ଆଶ୍ଚର୍ଯ୍ୟ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,


## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୂରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଅଲିଭା ଜ୍ୟୋତି

**ଗପ**



ଭାରତର ବିଶିଷ୍ଟ ଧନୀ ବ୍ୟକ୍ତିଙ୍କର ପୁଅ ସେ। ଜନ୍ମଦିନରେ ବାପାଙ୍କର ଘନିଷ୍ଠ ବନ୍ଧୁଙ୍କଠାରୁ ଏକ ବନ୍ଧୁକ ଉପହାର ପାଇଥାନ୍ତି। ସେହି ବନ୍ଧୁକ ନେଇ ଶିକାର କରିବାକୁ ବାହାରିଲେ। ବାପା ବାରଣ କଲେ ମଧ୍ୟ ଏକମାତ୍ର ପୁତ୍ରର ଶିକାରରେ ପ୍ରବଳ ଆଗ୍ରହ ଦେଖି ବାପା ଦୁଇଜଣ ଦେହରକ୍ଷୀ ତା' ସହିତ ପଠାଇଲେ। ଦେହରକ୍ଷୀଙ୍କଠାରୁ ଦୂରେଇ ରହି ସେହି ନୂଆ ବନ୍ଧୁକ ସାହାଯ୍ୟରେ ହରିଣଟିଏ ଶିକାର କଲେ। ମାତ୍ର ଗୋଟିଏ ଗୁଳିରେ ସେ ଲୋଟି ପଡ଼ିଲା ଭୂମି ଉପରେ। ଉତ୍ଫୁଲ୍ଲିତ ହେଲେ ଯୁବକ।

ଶିକାର ନିକଟକୁ ବୀରଦର୍ପରେ ଛୁଟିଗଲେ ଯୁବକ ଓ ସାଥିରେ ଥିବା ଦେହରକ୍ଷୀମାନେ। ମାତ୍ର ଯୁବକଜଣକ ଆହତ ପ୍ରାଣୀଟିକୁ ଦେଖିଦେଇ ଥମକିନା ଛିଡ଼ା ହୋଇଗଲେ। ହରିଣଟି ସେ ପର୍ଯ୍ୟନ୍ତ ଛଟପଟ ହେଉଥାଏ। ତା'ପାଟିରେ ଘାସ କେରାଏ ଲାଗି ରହିଥାଏ, ଚୋବାଇ ପାରିନି। ତା'ବେକ ଓ ଛାତିର ମଧ୍ୟବର୍ତ୍ତୀ ସ୍ଥାନରୁ ନାଲିଆ ଉଷୁମ ରକ୍ତଧାର ଛୁଟି ଚାଲିଛି। ଆଖି ଯୋଡିକ ଲୁହ ଛଳଛଳ। ଆହା ! କି ଯନ୍ତ୍ରଣା ପାଉଛି ନିରୀହ ଜୀବଟି। ଯୁବକଜଣକ ବନ୍ଧୁକଟି ତଳେ ରଖିଦେଇ ଆଣ୍ଠେଇ ପଡ଼ିଲେ ସେଇ ହରିଣଟି ନିକଟରେ। ଜୀବଟିର ଯନ୍ତ୍ରଣା ଦେଖି ତାଙ୍କ ଆଖିରୁ ଝରଝର ଲୁହ ଝରିପଡ଼ିଲା। ସେ ନିଜ ହାତରେ ଆଉଁଶି ଦେଉଥାନ୍ତି ହରିଣଟିକୁ। ପ୍ରାଣ ଛାଡ଼ିଗଲା ତା' ଶରୀରରୁ। ଭୋ ଭୋ ହୋଇ କାନ୍ଦି ଉଠିଲେ ଯୁବକ ଶିକାରୀ। ଅନ୍ୟମାନେ ଯେତେ ବୁଝେଇଲେ ମଧ୍ୟ କାନ୍ଦ ବନ୍ଦ ହେଲାନି ତାଙ୍କର, କିଛି ବୁଝିଲେନି ସେ। ଖାଲି କହି ହେଉଥାନ୍ତି, ନିରୀହ ପ୍ରାଣୀଟି ବଣର ଘାସ, ବଣର ପାଣି ପିଇ ତା'ର ଆପଣା ସୁଖେ ଥିଲା। ମୁଁ ବିନା କାରଣରେ ତାକୁ ମାରିଲି କାହିଁକି ? କେତେ କଷ୍ଟ ପାଇ ସେ ମଲା, କେତେ ରକ୍ତ ତା' ଦେହରୁ ଝରିଗଲା। ପାଟିରେ ଧରିଥିବା ଘାସ କେରାଏ ମଧ୍ୟ ଖାଇ ପାରିଲାନି। ତାଙ୍କ ଜୀବନରେ ତାହା ଥିଲା ପ୍ରଥମ ଓ ଶେଷ ଶିକାର। ସେ ପ୍ରତିଜ୍ଞା କଲେ ଆଉ ଜୀବନରେ କେବେ ଜୀବହତ୍ୟା କରିବେନି।

ସେହି ଯୁବକ ହେଉଛନ୍ତି, ଆମର ଚିର ପରିଚିତ ପଣ୍ଡିତ ଜବାହରଲାଲ ନେହେରୁ। ସେ ବିଶିଷ୍ଟ ଧନୀ ଓ ଆଇନଜୀବୀ ମୋତିଲାଲ ନେହେରୁଙ୍କର ପୁତ୍ର। ସେହି ହରିଣ ଶିକାର ତାଙ୍କ ଜୀବନର ଗତିପଥ ବଦଳାଇ ଦେଲା। ସେ ହିଁ ଆମ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ। ନେହେରୁ ଆଜି ନାହାନ୍ତି ସତ, ହେଲେ ତାଙ୍କ ନୀତି ଆଦର୍ଶ ଆଜି ଆମ ପାଇଁ ପ୍ରେରଣା। ସେ ଆମ ପାଇଁ ଅଲିଭା ଜ୍ୟୋତି।

**– ଶିବ ପ୍ରସାଦ ରାଉତ**
ବଛଡ଼ା,ବାସୁଦେବପୁର,ଭଦ୍ରକ
ମୋ: ୮୧୪୪୨୨୮୧୧୫

# ମତାମତ

▶▶ 'ଛାଇ ଆଲୁଅର ଖେଳ' ପ୍ରଚ୍ଛଦ ବିଷୟରୁ ସୂର୍ଯ୍ୟୋପରାଗ ହେବାର ବୈଜ୍ଞାନିକ କାରଣ ବିଷୟରେ ନୂଆ କଥା ଜାଣିବାକୁ ପାଇଲି।
**–ସ୍ନେହାଶ୍ରୀ ସାହୁ,** ଦଶପଲ୍ଲା, ନୟାଗଡ଼

▶▶ 'ଗିନିଜ୍ ୱାର୍ଲ୍ଡ ରେକର୍ଡ଼' ସ୍ତମ୍ଭରୁ 'ସବୁଠୁ ଡେଙ୍ଗା କିଶୋର' ବିଷୟରେ ଜାଣି ଆଶ୍ଚର୍ଯ୍ୟ ହେଲି।
**–ଶୁଭ୍ରଜିତ ସାମଲ,**ବରପାଲ୍ଲୀ, ବରଗଡ଼

▶▶ 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶ ପାଉଥିବା ଚିତ୍ରଗୁଡ଼ିକ ସବୁବେଳେ ଆକର୍ଷଣୀୟ ଲାଗୁଛି।
**–ପ୍ରଭୁପାଦ ପଣ୍ଡା,** ବରି, ଯାଜପୁର

▶▶ 'କବିତା' ସ୍ତମ୍ଭରେ ପ୍ରକାଶ ପାଇଥିବା କାର୍ତ୍ତିକ ପୂର୍ଣ୍ଣିମା ସମ୍ବନ୍ଧୀୟ ସମସ୍ତ କବିତା ପଢ଼ିବାକୁ ଭଲ ଲାଗିଲା।
**–ପ୍ରିୟାଂଶୀ ସାମନ୍ତ,** କନ୍ଧମାଳ, ବୌଦ୍ଧ

## ରଙ୍ଗ ଦିଅ




## ସେରେବ୍ରମ୍

ଆମ ମସ୍ତିଷ୍କର ସବୁଠାରୁ ବଡ ଭାଗକୁ ସେରେବ୍ରମ୍ କୁହାଯାଏ। ଏହା ଦୁଇ ହେମିସ୍ଫିଅରରେ ବିଭକ୍ତ। ଯାହାକୁ ସେରେବ୍ରାଲ୍ ହେମିସ୍ଫିଅର କୁହାଯାଏ। ବାମ ପଟକୁ ଲେଫ୍ଟ ହେମିସ୍ଫିଅର ଏବଂ ଡାହାଣ ପଟକୁ ରାଇଟ୍ ହେମିସ୍ଫିଅର କୁହାଯାଏ। ଡାହାଣ ପଟେ ଥିବା ହେମିସ୍ଫିଅର ବାମ ପଟ ଶରୀରର ମାଂସପେଶୀକୁ ନିୟନ୍ତ୍ରଣ କରିଥାଏ ସେହିପରି ବାମ ପଟେ ଥିବା ହେମିସ୍ଫିଅର ଡାହାଣ ପଟ ମାଂସପେଶୀକୁ ନିୟନ୍ତ୍ରଣ କରେ। ଏଥିସହିତ ଆମର ଲେଖିବା, ପଢ଼ିବା ଏବଂ ଚିନ୍ତା କରିବା କାର୍ଯ୍ୟ ହେମିସ୍ଫିଅର ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ଏହି ଦୁଇଟି ହେମିସ୍ଫିଅରକୁ ଏକ ମୋଟା ସ୍ନାୟୁ ଯୋଡି ରଖିଥାଏ। ଯାହାକୁ କର୍ପସ କାଲୋଜମ୍ କୁହାଯାଏ। ଏହି ସ୍ନାୟୁ ତନ୍ତୁ ଦ୍ୱାରା ଦୁଇଟି ଯାକ ହେମିସ୍ଫିଅର ପରସ୍ପର ସହ ଯୋଗାଯୋଗ କରିପାରିଥାନ୍ତି।

# ମୋ ଆଶା

**ତୁମ ପଢ଼ିବା ପାଇଁ**

ପିଲାମାନେ ସାଧାରଣତଃ ଗପ, କବିତା, ପ୍ରବନ୍ଧ, ଲୋକକଥା, ହସକଥା ଆଦି ପଢ଼ିବାକୁ ଭଲ ପାଆନ୍ତି। ଯେଉଁଥିରୁ ସେମାନେ ଅନେକ ଶିକ୍ଷଣୀୟ କଥା ଗ୍ରହଣ କରିଥାନ୍ତି। ଏଭଳି ପ୍ରୟାସ କରାଯାଇଛି ସୁମନ୍ତ ମହାରଣାଙ୍କ ଦ୍ୱାରା ସମ୍ପାଦିତ ତ୍ରୟମାସିକ ଶିଶୁକିଶୋର ପତ୍ରିକା 'ମୋ ଆଶା'ରେ। ଏହି ପୂଜା ସଂଖ୍ୟାରେ ରହିଛି ଓଜନ କମ୍ବଳ, ମିଛୁଆ ରାଧୁଆ ହେଲା ସତୁଆ, ତୁଗୁଲା ଆଖିରେ ନିଦ, ରାଜକୁମାରୀ ହେଲେ କୁକୁର ଇତ୍ୟାଦି ଗପ, ବାଇଗିଣି ଜୋଜୋ ଅନୁବାଦିତ ଗପ, ଶରତ ସୁଷମା, ଆସ ଦଶଭୁଜା, ଦଶହରା ଛୁଟି ଆଦି କବିତା, ଶିଶୁ ପ୍ରତିଭା ସାଇଶ୍ରୁତି, ସେଲିବ୍ରିଟି ଚିତ୍ତରଞ୍ଜନ ମିଶ୍ରଙ୍କ ପିଲାଦିନ, କୁନି ମଡେଲ ଓ ପିଲାମାନଙ୍କର ଅତି ସୁନ୍ଦର ହାତ ଅଙ୍କା ଛବି। ଏହାର ମୂଲ୍ୟ ରହିଛି ୨୦ ଟଙ୍କା। ଯୋଗାଯୋଗ–ମୋ ଆଶା, ଲିଟିଲ୍ ଷ୍ଟାର୍ ଗ୍ରୁପ୍, ପାଟପୁର, ନିମାପଡ଼ା, ପୁରୀ–୭୫୨୧୦୬






# ବାଲିଯାତ୍ରା

ଆରମ୍ଭ ହୋଇସାରିଛି କଟକର ବିଶ୍ୱ ପ୍ରସିଦ୍ଧ ବାଲିଯାତ୍ରା। ୨ବର୍ଷ ପରେ ସଭିଏଁ ବାଲିଯାତ୍ରାର ମଜା ନେଉଛନ୍ତି। କିଏ ବିଭିନ୍ନ ପ୍ରକାର ଦୋଳି ଖେଳିବାରେ ମସ୍‌ଗୁଲ୍ ତ କିଏ ବୁଲି ବୁଲି ସବୁ ଦୋକାନରୁ ନେଉଛନ୍ତି ଭଳିକି ଭଳି ଖାଇବାର ମଜା।

ଦିନ ଯେତିକି ଗଡୁଛି କଟକ ବାଲିଯାତ୍ରା ପଡ଼ିଆରେ ଗହଳି ସେତିକି ବଢୁଛି। ଆଉ ଏଥି ସହ ନାଚଗୀତର ଆସର ଜମୁଛି। ସଭିଏଁ ଦିନ ବଢ଼ିବା ସହ ମେଳା ମୁହାଁ ହେଉଛନ୍ତି। ଆଖି ଖୋସି ହୋଇଯାଉଥିବା ରଙ୍ଗବେରଙ୍ଗର ଆଲୋକମାଳା ସହ ଚଟପଟି ଖାଦ୍ୟ ଖାଇବାକୁ ପିଲାମାନଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ। ପିଲାମାନେ ରାମଦୋଳି, ବ୍ରେକ୍‌ଡ୍ୟାନ୍ସ ଆଦି ଦୋଳିରେ ବସି ମଜା କରୁଛନ୍ତି। ଧାଡ଼ିକି ଧାଡ଼ି ଲାଗିଥିବା ଖେଳନା ଦୋକାନରେ ପିଲାଏ ଭଳିକି ଭଳି ଖେଳନା ନେବା ପାଇଁ ଭିଡ଼ ଜମାଉଛନ୍ତି। ଏଥର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ୧୦ହଜାର କାଗଜ ଡଙ୍ଗା ଓ ଲେଜର୍ ଲାଇଟ୍ ଶୋ।

## ଦୋଳିର ମଜା ନେବି



ବାଲିଯାତ୍ରାରେ ବୁଲିବା ସହ ଯଦି ଦୋଳିଖେଳର ମଜା ନ ଉଠାଇଲ ତା'ହେଲେ ସବୁ ଅଧୁରା ହୋଇଯାଏ। ସବୁବେଳେ ବିଭିନ୍ନ ରକମର ଦୋଳି ବାଲିଯାତ୍ରାରେ ପଡ଼ିଥାଏ। ମୁଁ ବାଲିଯାତ୍ରା ତ ଯାଏ କେବଳ ଦୋଳିରେ ବସିବା ଲାଗି। ଏଥର ମିନାବଜାରରେ ରାମଦୋଳି, ଚକ୍ରି, ବ୍ରେକ୍‌ଡ୍ୟାନ୍ସ, ଟୋରା ଟୋରାରେ ମନ ଶାନ୍ତି ହେବା ଯାଏଁ ବସି ଉପଭୋଗ କରିବି। ସବୁ ଭାଇ ଭଉଣୀ ମିଶି ଢେର ମଜା କରିବୁ। ବାପା ସମସ୍ତଙ୍କ ପାଇଁ ଭଳିକି ଭଳି ଖେଳନା କିଣିଦେବେ ବୋଲି କହିଛନ୍ତି।

**-ସ୍ୱାଗତ କୁମାର ସାହୁ, କ୍ଲାସ୍-୫, ଓସ୍ତପାଳ ପ୍ରାଥମିକ ବିଦ୍ୟାଳୟ, ଭଦ୍ରକ**

## ଠୁଙ୍କାପୁରି ଖାଇବାର ମଜା ନେବି



ଏ ବର୍ଷ ବାଲିଯାତ୍ରା ଭିନ୍ନ ଢଙ୍ଗରେ ହୋଇଛି। ଏଥର ୧୦ ହଜାର କାଗଜଡଙ୍ଗା ନିର୍ମାଣ ହୋଇ କଟକ ଗିନିଜ୍ ରେକର୍ଡରେ ସ୍ଥାନ ପାଇବାକୁ ଯାଉଛି। ଶନିବାର ଏହି ପ୍ରୋଗ୍ରାମ ରଖାଯାଇଥିବାରୁ ମୁଁ ପରିବାର ସହ ଆଜି ବାଲିଯାତ୍ରା ବୁଲିବାକୁ ପ୍ଲାନ୍ କରିଥିଲି। ବୁଲାବୁଲି ସାଙ୍ଗକୁ ଏହି ଡଙ୍ଗା ନିର୍ମାଣ ଦେଖିବି। ବାଲିଯାତ୍ରାରେ ଠୁଙ୍କାପୁରି ଖାଇବାର ମଜା ଅଲଗା। ଏହାଛଡ଼ା ଷ୍ଟଲରେ ପଡିଥିବା ଅଲଗା ସୁସ୍ୱାଦୁ ଖାଦ୍ୟ ଖାଇବାର ମଜା ନେବି।

**-ସ୍ମୃତିମୟୀ ବେହେରା, କ୍ଲାସ୍-୮, ଏମ୍‌ଏଲ୍‌ଏ ସରକାରୀ ଉଚ୍ଚ ବିଦ୍ୟାଳୟ, ଦୁଲାଖାପାଟଣା**

## ଯାତ୍ରାରୁ ମନ ପସନ୍ଦର କଣ୍ଢେଇ ଆଣିଛି



ଏଥର ବାଲିଯାତ୍ରାରେ ଭଳିକି ଭଳି ଖେଳନା ଦୋକାନ ପଡ଼ିଛି। ଏଥର ମୁଁ କାଠ ତିଆରି ସୁନ୍ଦର କଣ୍ଢେଇ କିଣି ଆଣିଛି। ଗତ ୨ବର୍ଷ ବାଲିଯାତ୍ରା ନ ବୁଲି ପାରି ମନ ଦୁଃଖ ଥିଲା। ଏବର୍ଷ ବାପାଙ୍କ ସହ ବହୁତ ବୁଲିଲି। ସନ୍ଧ୍ୟାରେ ଲେଜର ଲାଇଟ୍ ଶୋ ସବୁଠୁ ଆକର୍ଷଣୀୟ ଥିଲା। ମିନାବଜାରରେ ରାମଦୋଳିରେ ବାପାଙ୍କ ସହ ବସି ଖୁବ୍ ମଜା କଲି। ଯାତ୍ରାରେ ଦହିବରା, ମଥୁରା କେକ୍, ଠୁଙ୍କାପୁରି ବି ଖାଇଲି। ଏଥର ୧୦୦ଟି ଖାଣ୍ଟି ଓଡ଼ିଆ ଖାଦ୍ୟ ଷ୍ଟଲ୍ ପଡିଛି। ସେଥିରେ ପରଷାଯାଉଥିବା ଖାଦ୍ୟରେ ପେଟଭର୍ତ୍ତି ହୋଇଗଲା।

**-ଐଶ୍ୱର୍ଯ୍ୟା ସାହୁ, କ୍ଲାସ୍-୬, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଯାଜପୁର ଟାଉନ**

## ଆଖି ଝଲସାଇ ଦେଲା ଲେଜର ଶୋ



ଗତକାଲି ସନ୍ଧ୍ୟାରେ ପରିବାର ସହ ବାଲିଯାତ୍ରା ବୁଲିବାକୁ ଯାଇଥିଲି। ଖାସ୍‌କରି ଲେଜର ଲାଇଟ୍ ଶୋ'କୁ ମୁଁ ହାତଛଡ଼ା କରିବାକୁ ଚାହୁଁ ନ ଥିଲି। ମାହାତ୍ମା ଗାନ୍ଧୀଙ୍କ ଜୀବନୀ ଓ କଟକର ଐତିହ୍ୟସ୍ଥଳୀ ଉପରେ ଚିତ୍ତାକର୍ଷକ ଶୋ' ପରିବେଷଣ ହେଲା। ପ୍ରଥମ ଥର ପାଇଁ ଲେଜର ଶୋ' ଆଖି ଝଲସାଇ ଦେଲା। ବିଭିନ୍ନ ରାଜ୍ୟରୁ ଆସିଥିବା ଲୋକ ସେମାନଙ୍କ ଲୋକକଳା ପ୍ରଦର୍ଶନ କରୁଥିଲେ। ସେ ସବୁକୁ ମନଭରି ଉପଭୋଗ କଲି।


**-ଅକ୍ଷଧା ମିଶ୍ର, କ୍ଲାସ୍-୭, ଡିଏଭି ପବ୍ଲିକ୍ ସ୍କୁଲ, ଚନ୍ଦ୍ରଶେଖର, ଭୁବନେଶ୍ୱର**

## ପ୍ରଥମ ଥର କବାଲି ଶୁଣି ଖୁସି ଲାଗିଲା




୨ବର୍ଷ ପରେ ଏବର୍ଷ ବାଲିଯାତ୍ରାରେ ବହୁତ ଭିଡ଼ ହୋଇଛି। ଲୋକ ଗହଳି ସାଙ୍ଗକୁ ବିଭିନ୍ନ ପ୍ରକାର ଷ୍ଟଲ୍ ମଧ୍ୟ ପଡିଛି। କଟକରେ ମୋ ମାମୁଘର ହୋଇଥିବାରୁ ମୁଁ ମାମୁଙ୍କ ପରିବାର ସହ ବାଲିଯାତ୍ରା ବୁଲିବାକୁ ଯାଇଥିଲି। ୨ବର୍ଷ କରୋନା କଟକଣା ଯୋଗୁ ବାଲିଯାତ୍ରା ଆସିପାରୁ ନ ଥିଲି। ଏବର୍ଷ ଖେଳନା ଷ୍ଟଲ୍ ଓ ବିଭିନ୍ନ ପ୍ରକାର ଦୋଳି ଲାଗିଛି। ମୋତେ ଅକ୍ଟୋପସ୍ ଦୋଳିରେ ବସିବାକୁ ମଜା ଲାଗିଲା। ଏଥର ନାମୀଦାମୀ କଣ୍ଠଶିଳ୍ପୀଙ୍କ ଦ୍ୱାରା କବାଲି ପରିବେଷଣ ହେଉଛି। ପ୍ରଥମଥର କବାଲି ଶୁଣି ବହୁତ ଖୁସି ଲାଗିଲା।

**-ଶ୍ୱେତାଶ୍ରୀ ସାହୁ, କ୍ଲାସ୍-୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପୁରୀ**






୧



୨




୩



୮



୪



୫



୬



୭



୯



**ମୁସ୍କାନ ପଟେଲ**
କ୍ଲାସ– ୬, ଡିଏଭି ପବ୍ଲିକ ସ୍କୁଲ, ବେଦାନ୍ତ ରୋଡ, ଝାରସୁଗୁଡା

୧

୨

**ଶୀନୀକା ମିଶ୍ର**
କ୍ଲାସ–୭, କେନ୍ଦ୍ରୀୟ ବିଦ୍ୟାଳୟ, ନୟାଗଡ





**ଆଣ୍ଡ୍ରିଲା ଦାସ**
କ୍ଲାସ– ୬, ଡିଏଭି ପବ୍ଲିକ ସ୍କୁଲ, ବେଦାନ୍ତ ରୋଡ, ଝାରସୁଗୁଡା

୩

୪

**ସାଇ ସଙ୍କେତ ମାଣିକ**
କ୍ଲାସ– ୫, ୟଙ୍ଗ ଫୋନିକ୍ସ ପବ୍ଲିକ ସ୍କୁଲ, ନୟାହାଟ, ପୁରୀ





**ପ୍ରଦୋଷ କୁମାର ମୁଦୁଲି**
କ୍ଲାସ– ୭, ନନ୍ଦିଗ୍ରାମ ଉପ୍ରା ବିଦ୍ୟାଳୟ, ନନ୍ଦିଗ୍ରାମ

୫

୬

**ତନିଶା ମିଶ୍ର**
କ୍ଲାସ– ୬, କେନ୍ଦ୍ରୀୟ ବିଦ୍ୟାଳୟ ନଂ–୧, କଟକ





**କିରଣବାଳା ନାଥ**
କ୍ଲାସ– ୩, ଖୁଣ୍ଟା ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ, ସୋର, ବାଲେଶ୍ୱର

୭

୮

**ପ୍ରଜ୍ଞା ମିଶ୍ର**
କ୍ଲାସ– ୮, ଡିଏଭି ପବ୍ଲିକ ସ୍କୁଲ, ପ୍ରଗତି ମାର୍ଗ, ଝାରସୁଗୁଡା





**ଆଦର୍ଶ ମହାପାତ୍ର**
କ୍ଲାସ୍–୬, ଲୋୟଲା ସ୍କୁଲ୍, ଭୁବନେଶ୍ୱର

୯

ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

## ୟଙ୍ଗ୍ ରୁବିକ୍ସ କ୍ୟୁବ ଜଗଲର୍



ପିଲାମାନେ ତୁମକୁ ରୁବିକ୍ସ କ୍ୟୁବ ପଜଲ୍ ସମାଧାନ କରିବାକୁ ଭଲ ଲାଗେ ନା। ହେଲେ ତୁମେ ଏକାସାଥିରେ ୩ଟି ରୁବିକ୍ସ କ୍ୟୁବ ସମାଧାନ କରିପାରିବ କି। ଅସମ୍ଭବ ଲାଗୁଛି ନା। କିନ୍ତୁ ଏହାକୁ ସମ୍ଭବ କରି ଦେଖାଇଛନ୍ତି କଲମ୍ବୋର ୧୯ବର୍ଷୀୟ ଆନଜେଲ୍ ଆଲଭାର୍ଡୋ। ସେ ୪ମିନିଟ୍ ୩୧ସେକେଣ୍ଡରେ ୩ଟି ପଜଲ୍ ସମାଧାନ କରିଛନ୍ତି। ତୁମେ ଜାଣି ଆଶ୍ଚର୍ଯ୍ୟ ହେବ ୩ଟି ଯାକ ରୁବିକ୍ସ କ୍ୟୁବକୁ ଜଗଲିଙ୍ଗ୍ କରି ସମାଧାନ କରୁଛନ୍ତି। ଆଲଭାର୍ଡୋଙ୍କୁ ଗୋଟିଏ ରୁବିକ୍ସ କ୍ୟୁବ ଜଗଲିଙ୍ଗ୍ କରି ସମାଧାନ କରିବାକୁ ୫ମାସ ସମୟ ଲାଗିଥିଲା ଏବଂ ୩ଟି ଯାକ ସମାଧାନ କରିବା ପାଇଁ ସେ ଆହୁରି ୪ମାସ ଅଭ୍ୟାସ କରିଥିଲେ। ସେ କୁହନ୍ତି, ୪ମିନିଟ୍ ମଧ୍ୟରେ ୩ଟି ରୁବିକ୍ସ କ୍ୟୁବକୁ ଜଗଲିଙ୍ଗ୍ କରି ସମାଧାନ କରିବା ପାଇଁ ତାଙ୍କୁ ବହୁତ ପରିଶ୍ରମ କରିବାକୁ ପଡିଥିଲା। ଗୋଟି ଗୋଟି ରୁବିକ୍ସ କ୍ୟୁବକୁ ସମୟ ସୀମା ଭିତରେ ଏକାଗ୍ରତାର ସହ ଜଗଲିଙ୍ଗ୍ କରି ସମାଧାନ କରିବାକୁ ପଡେ। ତେବେ ପ୍ରତିଦିନ ଅଭ୍ୟାସ ଦ୍ୱାରା ସେ ଏହି ସଫଳତା ହାସଲ କରିପାରିଛନ୍ତି ବୋଲି କୁହନ୍ତି।




କବିତା

## ଚାଚା ନେହେରୁ

ଚାଚା ନେହେରୁ ଆମ ପାଖରୁ
କୁଆଡେ ଗଲ ହଜି
ଅଜଣା ପୁରେ ରହିଲ ଦୂରେ
ପାଉନୁ ଖୋଜି ଖୋଜି,
କରିଲ ବିଜେ ଶିଶୁ ରାଇଜେ
ଭରିଲ ହସ ଖୁସି
ଶିଶୁଙ୍କୁ ଦେଖି ପାଖକୁ ଡାକି
ମଜା କରିଲ ବସି,
କରିଲ ତ୍ୟାଗ ସବୁରି ସୁଖ
ରଚି ଅମର ଗାଥା
ବୋଲନ୍ତି ନରେ ମୁକ୍ତ କଣ୍ଠରେ
ତୁମେ ଜଗତ ଜିତା,
ଶୁଭ ଲଗନେ ବେନି ଚରଣେ
ଦୀପଟେ ଜାଳି ଦେଇ
ଫୁଲ ଚନ୍ଦନେ ସଜେଇ ଦେବୁ
ପାଦ ଯୁଗଳ ଛୁଇଁ।

–**ବସନ୍ତ ଦାସ**, ରମ୍ଭା, ବରୀ, ଯାଜପୁର

## ଶିଶୁ

ଶିଶୁ ନୁହେଁ ସେ ତ ଫୁଲ କଢ଼ିଟିଏ କରିବା ତାହାର ଯତନ,
ଫୁଲ ଫୁଟି ଦିନେ ମହକି ଉଠିବ ସେ ପରା ଅମୂଲ୍ୟ ରତନ।
ହୃଦୟ ମାଟିରେ ସ୍ନେହବାରି ସିଞ୍ଚି ଶିଶୁ ଚାରାଟିଏ ରୋଇବା,
ଆଦର ଯତନ ଆଲୋକ ଉତ୍ତାପ ପରାଏ ଦେଇଣ ପାଳିବା।
ଶିଶୁ ଅଧିକାର ନିୟମ ମାନିଣ ସୁରକ୍ଷା କବଚ ସାଜିବା,
ଶିକ୍ଷା ଦୀକ୍ଷା ଆଉ ଆଚାର ବିଚାର ସଂସ୍କାର ତା' ମନେ ଭରିବା।
ସତ୍ୟ ଧର୍ମ ନ୍ୟାୟ ଦେଶପ୍ରେମବହ୍ନି ହୃଦୟେ ତାହାର ଜାଳିବା,
ଦୁନିଆରେ ଦିନେ ବଡ଼ ହେବା ପାଇଁ ତା'ଉପରେ ଆଶିଷ ଢାଳିବା।
ଶିଶୁଟି ହସିଲେ ଦୁନିଆ ହସିବ ଏ କଥାଟି ମନେ ରଖିବା,
ଆଜିର ଶିଶୁ ସେ ଆଗାମୀ କାଲିର ଭବିଷ୍ୟତ କଥା ଚିନ୍ତିବା।

**–ଲୀଳାବତୀ ପରିଡ଼ା**
ହିନ୍ଦୋଳ, ଢେଙ୍କାନାଳ, ମୋ: ୯୮୬୧୯୪୫୬୨୬

## ଶୀତ

ଦିନ ହୋଇଲା ଦେଖ ସାନ,
ରାତି ବଢ଼ିଲା ଏବେ ଜାଣ।
ଶୀତ ଋତୁ ଆସିଲା ଧରା,
ଦେହକୁ ଭଲ ଲାଗେ ଖରା।
ଗେଣ୍ଡୁ ଫୁଲ ମହକ ଆସେ,
ପରଜାପତି ଆସି ବସେ।
ଗାଧୁଆ ପାଇଁ ଲାଗେ ଡର,
କାଳେ ହୋଇ ଯିବକି ଜର।
ବରଷା ପରା ଯାଏ କମି,
ଧାନ ପାଚିଲା ଦେଖ ଜମି।
ଧାନ ଅମଳ ପାଇଁ ଚାଷୀ,
ମନ ତା'ର ହୁଅଇ ଖୁସି।
ସଅଳ ରବି ଯାଏ ବୁଡ଼ି,
ବସା ଲେଉଟେ ପକ୍ଷୀ ଉଡ଼ି।
ସକାଳ ହେଲେ ନିଆଁ ପାଇଁ,
ପିଲାମାନେ ଆସନ୍ତି ଧାଇଁ।
ସଅଳ ଛୁଟି ହୋଇଥାଏ,
ଖେଳ ସମୟ କମି ଯାଏ।
ବଣଭୋଜି ପାଇଁ ବିଚାର,
ଶୀତ ମାସେ ଭାରି ଆଦର।

**– କେଦାରନାଥ ସାହୁ**
ବେହେରାପାଲି, ସୋହେଲା, ବରଗଡ଼
ମୋ: ୯୭୭୮୮୯୯୧୧



## ଏଥରର



- ବିଶ୍ୱ ମଧୁମେହ ଦିବସ କେବେ ପାଳନ କରାଯାଏ ?
- କାହା ଜନ୍ମଦିନ ଅବସରରେ ମଧୁମେହ ଦିବସ ପାଳନ କରାଯାଏ ?
- ସେ କେତେ ବର୍ଷ ବୟସରେ ନୋବେଲ ପୁରସ୍କାର ପାଇଥିଲେ ?
- ଫ୍ରେଡେରିକ ବାଣ୍ଟିଙ୍ଗ କେଉଁ ରୋଗ ପାଇଁ ଇନ୍ସୁଲିନ୍ ଆବିଷ୍କାର କରିଥିଲେ ?
- ମଧୁମେହର ଇନ୍ସୁଲିନ ପ୍ରଥମେ କାହା ଶରୀରରେ ପରୀକ୍ଷଣ କରାଯାଇଥିଲା ?

## ଗତଥରର




- ଇଥିଓପିଆ
- କଖାରୁ
- ଖେଚୁଡ଼ି
- ଚାଇନା
- ତାମିଲନାଡୁ

## କହିଲ ଦେଖି

ଗୁଲୁଗୁଲିଆ ଚେହେରା ତା'ର
କହେ ଦରୋଟି କଥା,
କେତେ ପ୍ରକାର ପ୍ରଶ୍ନ ପଚାରି
ଘୂରେଇ ଦିଏ ମଥା।
ଛନ୍ଦକପଟ ନାହିଁ,
ଦେଶର ଇଏ ଭବିଷ୍ୟ ପରା
ନାଆଁଟି ଦିଅ କହି।

ଉ– **ଶିଶୁ**



ଆମ ପ୍ରଥମ ପ୍ରଧାନମନ୍ତ୍ରୀ
ଶିଶୁଙ୍କ ଅତି ପ୍ରିୟ,
ବଡ଼ ଘରର ସନ୍ତାନ ଥିଲେ
ଦେଶୋନ୍ନତିରେ ଲୟ
ନ ଥିଲା କା'ରେ ଭୟ,
ବଢ଼ିଲେ ଶିଶୁ ଦେଶ ଭବିଷ୍ୟ
ହେବ ଉଜ୍ଜ୍ୱଳମୟ।
କିଏ ଏ ନେତା କୁହ।

ଉ– **ଜବାହରଲାଲ୍**



ପୂନିଅଁ ନୁହେଁ ପରବ ନୁହେଁ
ଶିଶୁଙ୍କ ପାଇଁ ଉତ୍ସର୍ଗ ଇଏ
ବଡ଼ ନେତାଙ୍କର ଜନମ ଦିନ
ଏ ଦିବସ ନାମ କୁହରେ ଧନ।

ଉ– **ଶିଶୁ ଦିବସ**




**–କବିଜ୍ୟୋତି ନିରଞ୍ଜନ ପତି**
ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ: ୯୯୩୮୧୩୩୫୫୯




## ସ୍ମରଣଶକ୍ତି ପ୍ରଖର

ଗଧଙ୍କ ସ୍ମରଣଶକ୍ତି ଢେର ଅଧିକ। କାରଣ ୨୫ବର୍ଷ ପୂର୍ବର କଥାକୁ ମନେ ରଖିବାର କ୍ଷମତା ଏମାନଙ୍କର ରହିଛି। ଏପରିକି ଏମାନେ ଅନ୍ୟ ସାଥୀ ସହ କେବେ ମିଶିଥିଲେ ସେଦିନର କଥାକୁ ମଧ୍ୟ ମନେ ରଖି ପାରନ୍ତି। ଏମାନେ ସାଧାରଣତଃ ଗୋଷ୍ଠୀଗତ ଭାବେ ରହିବାକୁ ପସନ୍ଦ କରନ୍ତି। ଯେଉଁଠିକି ଭଲ ରାସ୍ତା ନଥାଏ, ସେ ସ୍ଥାନକୁ ସହଜରେ ଯାଇପାରନ୍ତି। ଏଥିପାଇଁ ତାଙ୍କୁ 'ରାସ୍ତାର ମହାରଥୀ' କୁହାଯାଏ।



## ଶତ୍ରୁକୁ ଦେଖି ଦୌଡ଼େ

ଓଟପକ୍ଷୀକୁ ଯଦି ଲାଗେ କୌଣସି ବିପଦ ତା ଆଡ଼କୁ ମାଡ଼ିଆସୁଛି, ତେବେ ସେ ଦୌଡ଼ିବାକୁ ଲାଗେ। ଏମାନଙ୍କ ଓଜନ ପ୍ରାୟ ୬୩ –୧୪୫କି.ଗ୍ରା ହୋଇଥିବା ବେଳେ ଉଚ୍ଚତା ପ୍ରାୟ ୬.୧୧ରୁ ୯ .୨ ଫୁଟ୍ (ଅଣ୍ଡିରା)ଏବଂ ୫.୭–୬.୭ଫୁଟ୍(ମାଈ) ହୋଇଥାଏ। ଜଙ୍ଗଲରେ ଏମାନେ ପ୍ରାୟ ୪୦–୪୫ ବର୍ଷ ପର୍ଯ୍ୟନ୍ତ ଜୀବିତ ରହିପାରନ୍ତି। ଏମାନଙ୍କ ଅଣ୍ଡାରୁ ଛୁଆ ବାହାରିବାକୁ ପ୍ରାୟ ୪୨–୪୬ଦିନ ସମୟ ଲାଗିଥାଏ।



## ସହଜରେ ଗଛରେ ଚଢ଼ିପାରେ

ଛେଳି ସହଜରେ ଗଛରେ ଚଢ଼ି ଓହ୍ଲାଇ ପାରେ। ଏମାନେ ଅତି ନିରୀହ। ତେଣୁ ଏମାନଙ୍କୁ ମହିଳା ଏବଂ ଛୋଟପିଲା ସହଜରେ ଦେଖାଶୁଣା କରିପାରନ୍ତି। ଜାଣିଛନ୍ତି କି, ଛେଳି ପାଟିର ତଳମାଡ଼ିରେ ଦାନ୍ତ ଥାଏ। ଉପରେ କେବଳ ମାଡ଼ି ରହିଛି। ଏକ ସୁସ୍ଥ ଛେଳି ପ୍ରାୟ ୧୫–୧୮ବର୍ଷ ଜୀବିତ ରହିପାରେ। ଅଣ୍ଡିରା ଛେଳି ପରି ମାଈଛେଳିର ମଧ୍ୟ ଦାଢ଼ି ଉଠିଥାଏ।



## ରଙ୍ଗ ବଦଳାନ୍ତି ସି ହର୍ସ

ସି ହର୍ସ ନିଜ ଶରୀରର ରଙ୍ଗକୁ ବଦଳାଇ ପାରନ୍ତି। ଯେତେବେଳେ ଶତ୍ରୁକୁ ଭ୍ରମିତ କରିବାର ଥାଏ ସେମାନେ ଏହି କ୍ଷମତାର ଉପଯୋଗ କରିଥାନ୍ତି। ସି ହର୍ସ ସାଧାରଣତଃ ବିଭିନ୍ନ ରଙ୍ଗର ଦେଖାଯା'ନ୍ତି। ଏମାନେ ହଳଦିଆ, ଗୋଲାପୀ,ଧଳା, ବାଇଗଣୀ, ଲାଲ ଆଦି ରଙ୍ଗର ଦେଖାଯା'ନ୍ତି। ଏମାନେ ସ୍ୱଚ୍ଛ ଏବଂ ସ୍ଥିର ଜଳରେ ରହିବାକୁ ଅଧିକ ପସନ୍ଦ କରନ୍ତି। ଏମାନେ ଦୁଇ ଆଖି ସାହାଯ୍ୟରେ ଅଲଗା ଅଲଗା ଦିଗକୁ ଏକା ସମୟରେ ଚାହିଁ ପାରନ୍ତି।

## ଆସ ଜାଣିବା

# ଶିଶୁ ଦିବସ

ଶିଶୁମାନଙ୍କର ସୁରକ୍ଷା ଓ ସମୃଦ୍ଧି ପ୍ରତି ଯତ୍ନବାନ ଥିଲେ ନେହେରୁ। ସେ ଚାହୁଁଥିଲେ ଶିଶୁମାନଙ୍କର ଅଧିକାର, ଯତ୍ନ ଏବଂ ଶିକ୍ଷା ପ୍ରତି ଲୋକେ ସଚେତନ ହୁଅନ୍ତୁ। ତେଣୁ ସେମାନଙ୍କ ପ୍ରତି ରାଷ୍ଟ୍ରୀୟ ସଚେତନତା ବୃଦ୍ଧି କରିବା ପାଇଁ ନିଜ ଜନ୍ମଦିନଟିକୁ ଶିଶୁଦିବସ ଭାବରେ ପାଳନ କରିବା ପାଇଁ କହିଥିଲେ। ଜବାହରଲାଲ ନେହେରୁ ୧୮୮୯ ନଭେମ୍ବର ୧୪ତାରିଖରେ ଆଲ୍ଲାହାବାଦରେ ଜନ୍ମଗ୍ରହଣ କରିଥିଲେ। ସ୍ୱାଧୀନ ଭାରତର ସେ ଥିଲେ ପ୍ରଥମ ପ୍ରଧାନମନ୍ତ୍ରୀ। ସମସ୍ତେ ଯେତେବେଳେ ତାଙ୍କ ଜନ୍ମଦିନଟିକୁ ଧୁମଧାମ୍‌ରେ ପାଳନ କରିବା ପାଇଁ ଚାହିଁଥିଲେ ସେତେବେଳେ ସେ ମନା କରିଥିଲେ ଏବଂ ତାଙ୍କ ଜନ୍ମଦିନକୁ ଶିଶୁଦିବସ ରୂପେ ପାଳନ କରିବାକୁ କହିଥିଲେ। ତାଙ୍କର ଇଚ୍ଛାକୁ ସମ୍ମାନ ଜଣାଇ ପ୍ରତିବର୍ଷ ନଭେମ୍ବର ୧୪ ତାରିଖକୁ ସାରା ଦେଶରେ ଶିଶୁ ଦିବସ ରୂପେ ପାଳନ କରାଯାଉଛି।

ଛୋଟ ପିଲାଙ୍କୁ ଅତ୍ୟନ୍ତ ଭଲ ପାଉଥିଲେ 'ଚାଚା ନେହେରୁ'। ନେହେରୁ ସଦାସର୍ବଦା କହୁଥିଲେ ପିଲାମାନେ ହିଁ ଦେଶର ଭବିଷ୍ୟତ। ଶିଶୁଙ୍କୁ ସର୍ବଦା ଉତ୍ତମ ଶିକ୍ଷା ଏବଂ ସଂସ୍କାର ଦେବା ଉପରେ ସେ ଗୁରୁତ୍ୱ ଦେଉଥିଲେ। ଶିଶୁମାନେ ଶାରୀରିକ ଓ ମାନସିକ ସ୍ତରରେ କିପରି ପରିପୁଷ୍ଟ ହେବେ ସେନେଇ ସେ ଚିନ୍ତିତ ଥିଲେ। ସେଥିପାଇଁ ସେ ଭାରତର ଯୁବକ ତଥା ଶିଶୁମାନଙ୍କ ଲାଗି ଉତ୍ତମ ଶିକ୍ଷା ବ୍ୟବସ୍ଥା ଲାଗି ଚେଷ୍ଟା କରିଥିଲେ। ଶିଶୁମାନଙ୍କ ପ୍ରଗତି ଓ କଲ୍ୟାଣ ପାଇଁ ସେ ଅନେକ କାର୍ଯ୍ୟ କରିଛନ୍ତି। ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଏବଂ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଭଳି ବିଭିନ୍ନ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଛନ୍ତି। ଏହା ସହିତ ସମସ୍ତଙ୍କୁ ଶିକ୍ଷିତ କରାଇବା ଉଦ୍ଦେଶ୍ୟରେ ଭାରତରେ ପିଲାମାନଙ୍କୁ ବିଦ୍ୟାଳୟରେ ମାଗଣା ଶିକ୍ଷା ପ୍ରଦାନ କରିବାର ବ୍ୟବସ୍ଥା ମଧ୍ୟ କରାଇଛନ୍ତି।





ଶିଶୁ ହେଉଛନ୍ତି ମାଟିରେ ଗଢ଼ା କଣ୍ଢେଇ ଭଳି। ସେମାନଙ୍କୁ ଆମେ ଯେମିତି ଗଢ଼ିତୋଳିବା ସେମାନେ ଭବିଷ୍ୟତରେ ସେହିଭଳି ହୋଇପାରିବେ। ସେମାନେ ଜନ୍ମରୁ ହିଁ ଶିଖିବା ଆରମ୍ଭ କରନ୍ତି। ଶିଶୁମାନେ ତାଙ୍କ ନିକଟରେ ଥିବା ପରିଜନଙ୍କର ଚାଲିଚଳଣିକୁ ଅନୁକରଣ କରିଥାନ୍ତି, ସେମାନଙ୍କର ଆଚାର ବ୍ୟବହାରରୁ ଅନେକ କିଛି ଶିଖନ୍ତି। ଖେଳିବା, ଜାଣିବା, ନିରୀକ୍ଷଣ କରିବା ପାଇଁ ଶିଶୁକୁ ଉତ୍ସାହିତ କରିବା ଆବଶ୍ୟକ। ଏହା ତା'ର ଶିକ୍ଷାରେ ସାମାଜିକ, ମାନସିକ, ଆବେଗିକ, ଶାରୀରିକ ତଥା ବୌଦ୍ଧିକ ବିକାଶରେ ସାହାଯ୍ୟ କରେ। ଏସବୁ ଦୃଷ୍ଟିରୁ ଚିନ୍ତା କରି ଶିଶୁଙ୍କ ଲାଳନପାଳନ ଉପରେ ଗୁରୁତ୍ୱ ଦେବାକୁ ସଚେତନ କରି ଯାଇଛନ୍ତି ନେହେରୁ।

–ଲଳିତ ମୋହନ ମିଶ୍ର
ଚନ୍ଦ୍ରଗିରି, ଗଜପତି, ମୋ: ୯୬୯୨୭୪୦୩୬୬

# ଆ ଇ ନା



ସ୍ୱୟଂପ୍ରଭା ରାଉତ
୪ ବର୍ଷ / ଢେଙ୍କାନାଳ



ଆରୋହୀ ଅନୀନ୍ଦିତା
୭ ବର୍ଷ / କଟକ